ଧରିତ୍ରୀ
DHARITRI
ମଙ୍ଗଳବାର, ୨୬ ଜାନୁୟାରୀ ୨୦୨୧



## ସଂକ୍ଷେପରେ

### ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

**ଅନୁଗୋଳ ଅଫିସ, ୨୫ା୧:** ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଜଣେ ବିଧବା ମହିଳା ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କୁ ପୋଲିସ ଅଟକ ରଖିବା ସହ ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲା। ସମ୍ପୃକ୍ତା ମହିଳାଙ୍କ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରାଯିବ ବୋଲି ଉପଜିଲାପାଳ ବାସୁଦେବ ଶତପଥୀ ପ୍ରତିଶ୍ରୁତି ଦେଇଛନ୍ତି। ମହିଳା ଜଣଙ୍କ ହେଲେ ତାଳଚେର ଗୋବରା ଗ୍ରାମର ଦମୟନ୍ତୀ ବେହେରା। ସେ କହିଛନ୍ତି, ୧୪ ବର୍ଷ ପୂର୍ବରୁ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି। କିନ୍ତୁ ଦେଢ଼ଶୁର ଅନ୍ୟାୟ ଭାବେ ତାଙ୍କ ଜାଗାକୁ ୨ ବର୍ଷ ହେଲା ଦଖଲ କରୁଛନ୍ତି। ବହୁବାର ପୋଲିସ ଓ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ବାଧ ହୋଇ ସେ ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ଦମୟନ୍ତୀ ପ୍ରକାଶ କରିଛନ୍ତି।

### ୪ ବଖରା ଜଳିଗଲା



**ବଔଁରପାଳ,୨୫ା୧(ଡି.ଏନ.ଏ.):** ବଔଁରପାଳ ଥାନା ଗଡ଼ସନ୍ତ୍ରୀ ନାୟକ ସାହିରେ ରବିବାର ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ସାହିର ଆନନ୍ଦ ନାୟକଙ୍କ ୨ ବଖରା ପୋଡି ଯାଇ ଥିବାବେଳେ ତାଙ୍କ ଭାଇ ଭରତ ନାୟକ ଓ ସନ୍ତୋଷ ନାୟକଙ୍କ ବଖରାଏ ଲେଖାଏଁ ଜଳିଯାଇଛି। ଏଥିସହ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଖବରପାଇ ବୁଢ଼ାପଙ୍କ ଅଗ୍ନିଶମ ସଂସ୍ଥାର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସାମାଜିକ କର୍ମୀ ପତିତପାବନ ମାଝି ପହଞ୍ଚି ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରିଛନ୍ତି।

### ପୂର୍ବତନ ପ୍ରାଣୀ ଚିକିତ୍ସକଙ୍କ ପରଲୋକ

**ଛେଣ୍ଡିପଦା,୨୫ା୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ନାଉପଦା ଗ୍ରାମର ପୂର୍ବତନ ପ୍ରାଣୀଧନ ଚିକିତ୍ସକ ଅର୍ଜୁନ କୁମାର ପ୍ରଧାନଙ୍କ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। ଏହି ଖବର ମିଳିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁତ୍ର ସୁବାସ ଚନ୍ଦ୍ର ପ୍ରଧାନ, ସୁଶାନ୍ତ ପ୍ରଧାନ ଓ ଅବନୀକାନ୍ତ ପ୍ରଧାନଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

### ସ୍ୱାଟନ-୧୧ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୨୫ା୧:** ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଡେଙ୍ଗବୋରେଇ ଗ୍ରାମରେ ସ୍ୱାଟନ-୧୧ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆଇନଜୀବୀ ବିଷ୍ଣୁପ୍ରସାଦ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଗ୍ରାମ୍ୟ କମିଟି ସଭାପତି ରାଜକିଶୋର ରାଉତ ଓ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ ବଳରାମପୁର କ୍ରିକେଟ ଦଳକୁ ପରାସ୍ତ କରି ନଛିପୁର ଓ ଦ୍ୱିତୀୟ ମ୍ୟାଚରେ ଗୁଡିଆକାଟେଣୀକୁ ପରାସ୍ତ କରି ବନମାଳୀପ୍ରସାଦ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

### କରଣ ସମାଜ ଉପସଭାପତିଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ,୨୫ା୧:** ଢେଙ୍କାନାଳ କରଣ ସମାଜ ଉପସଭାପତି ରମାକାନ୍ତ ପଟ୍ଟନାୟକଙ୍କ ବିୟୋଗରେ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସ୍ଥାୟୀ ସଭାପତି ଦେବେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସହରସ୍ଥିତ ପାରାଡାଇଜ୍ ଲେନ୍ କାର୍ଯ୍ୟାଳୟରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରବି ନାରାୟଣ ମହାନ୍ତି, ଯୁଗ୍ମ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ଅନ୍ୟତମ ଉପସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ସଭ୍ୟ ଗିରିଜାକାନ୍ତ ମହାନ୍ତି, ବସନ୍ତ କୁମାର ମହାନ୍ତି, ନିର୍ମଳ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରମାକାନ୍ତଙ୍କ ସ୍ମୃତିଚାରଣ କରିଥିଲେ।

# ଦୁର୍ଘଟଣାର ଦ୍ରୁତଗତି

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ,୨୫ା୧**





ସଡ଼କ ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ।

- ଅନୁଗୋଳରେ ବଢ଼ିଛି ସଡ଼କ ଦୁର୍ଘଟଣା
- କରୋନା ସମୟରେ ମଧ୍ୟ କମିଲାନି
- ୨ ବର୍ଷରେ ଜିଲାରେ ଯାଇଛି ୨୨୧ ଜୀବନ

କରୋନା ସଂକ୍ରମଣ ରୋକିବାକୁ ଗତବର୍ଷ ଲକ୍‌ଡାଉନ୍, ଶଟ୍‌ଡାଉନ୍‌କୁ କଡ଼ାକଡ଼ି କରାଯାଇଥିଲା। ଫଳରେ ୨୦୨୦ରେ ରାଜ୍ୟର ଅନେକ ଜିଲାରେ ସଡ଼କ ଦୁର୍ଘଟଣା ପୂର୍ବାପେକ୍ଷା ହ୍ରାସ ପାଇଛି। କିନ୍ତୁ ଅନୁଗୋଳ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୁର୍ଘଟଣା କମିବା ପରିବର୍ତ୍ତେ ଦ୍ରୁତଗତିରେ ବଢ଼ିଚାଲିଥିବା ଜଣାପଡ଼ିଛି। ଫଳରେ ଏ ଦିଗରେ ବିଗତ ଦିନରେ ପ୍ରଶାସନ ନେଇଥିବା ପଦକ୍ଷେପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୮ରେ ଜିଲାର ବିଭିନ୍ନ ରାସ୍ତାରେ ୪୯୬ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୨୧୫ ଜଣଙ୍କ ଜୀବନହାନି ହୋଇଥିଲା। ପାଖାପାଖି ୪ଶହ ଲୋକ ଆହତ ହୋଇଥିଲେ। ସେହିପରି ୨୦୧୯ରେ ୧୩୨ ଦୁର୍ଘଟଣା ଘଟିଥିବାବେଳେ ୧୧୫ ଜଣଙ୍କ ମୃତ୍ୟୁ ଓ ୮୨ ଜଣ ଆହତ ହୋଇଥିଲେ। ତେବେ ୨୦୨୦ରେ ସଂଖ୍ୟା ବଢ଼ିଯାଇଛି। ଉକ୍ତବର୍ଷ ମୋଟ୍ ୧୫୨ଟି ଦୁର୍ଘଟଣାରେ ୧୦୬ ଜଣଙ୍କ ପ୍ରାଣ ଯାଇଛି। ୧୬୨ ଜଣ ଆହତ ହୋଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, ୨୦୨୦ରେ ଜିଲାରେ ଲକ୍‌ଡାଉନ୍ ଓ ଶର୍ଟଡାଉନ୍ ଲଗାଯାଇଥିଲା। ଏପରି ସମୟରେ ଦୁର୍ଘଟଣା ସଂଖ୍ୟା ବଢ଼ିବା ନିଶ୍ଚିତ ଚିନ୍ତାର ବିଷୟ ବୋଲି ଜିଲାବାସୀ କହିଛନ୍ତି। ଜାତୀୟ ରାଜପଥ ହେଉ କି ରାଜ୍ୟ ରାଜପଥ, ବ୍ଲାକ୍‌ସ୍ପଟ ଚିହ୍ନଟ ହୋଇଥିଲେ ମଧ୍ୟ ସେଠାରେ ଆବଶ୍ୟକ ସତର୍କ ସୂଚନା ଦିଆଯାଉ ନାହିଁ। ଏହା ବ୍ୟତୀତ ଅନେକ ସ୍ଥାନରେ ମରାମତି କାମ କରାଯାଉ ନାହିଁ। ବର୍ଷ ବର୍ଷ ଧରି ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଅନେକ ଜାଗା ମରଣଯନ୍ତା ପାଲଟିଛି। ଏ ନେଇ ଜିଲାବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ଆବଶ୍ୟକ ଦୃଷ୍ଟି ଦେଉନାହିଁ। ରାସ୍ତାର ବିଭିନ୍ନ ମୋଡ୍‌ରେ କ୍ୟାଟ୍ ଆଇ ଦିଆଯାଉ ନାହିଁ। ଶିଳ୍ପ ଜିଲା ହୋଇଥିବାରୁ ପ୍ରଶାସନ ଏଥିପ୍ରତି ଅଧିକ ସତର୍କ ରହିବା କଥା। କିନ୍ତୁ ସଡ଼କ ସୁରକ୍ଷା ନେଇ ହେଉଥିବା ବୈଠକରେ ପ୍ରଶାସନ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଉଥିଲେ ମଧ୍ୟ ଉପଯୁକ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ ଦୁର୍ଘଟଣା ସଂଖ୍ୟା ବଢୁଥିବା ଲୋକେ ମତବ୍ୟକ୍ତ କରିଛନ୍ତି।

## ଏଣିକି ଟିମ୍ କରିବ ତଦାରଖ

ଜିଲାରେ ଦୁର୍ଘଟଣା ରୋକିବାକୁ ସଡ଼କ ସୁରକ୍ଷା କମିଟି ଅଧକ୍ଷ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱତନ୍ତ୍ର ଯୋଜନା କରିଛନ୍ତି। ବିଗତ ବର୍ଷରେ ଘଟିଥିବା ଦୁର୍ଘଟଣାର କାରଣ ଖୋଜିବାକୁ ଏକ ଯୁଗ୍ମ ନିରୀକ୍ଷଣ ଟିମ୍ ଗଢ଼ା ହୋଇଛି। ଏଥିରେ ଦୁର୍ଘଟଣାର ତଦନ୍ତ କରୁଥିବା ପୋଲିସ ଅଧିକାରୀ, ପରିବହନ ବିଭାଗ, ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ ବିଭାଗର ଜଣେ ଲେଖାଏ ଟେକ୍ନିକାଲ ମେମ୍ବର ରହିବେ। ଦୁର୍ଘଟଣା କେଉଁ କାରଣରୁ ଘଟିଛି, ତାହାର ଅନୁଧ୍ୟାନ ସହ ପ୍ରତିକାର ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ। ଜିଲାରେ ଥିବା ମୋଟ୍ ୧୭ଟି ବ୍ଲାକ୍ ସ୍ପଟ୍ ମଧ୍ୟରୁ କେବଳ ବଔଁରପାଳରୁ ରନ୍ତଲେଇ ମଧ୍ୟରେ ୧୦ଟି ରହିଛି। ଏହାବ୍ୟତୀତ ଜିଲାରେ ବିପଦସଙ୍କୁଳ ସ୍ଥାନ (ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଞ୍ଚଳ) ୩୦ରୁ ୪୦ଟି ଅଛି। ଏହି ସ୍ଥାନଗୁଡ଼ିକ ଉପରେ ମଧ୍ୟ ସ୍ୱତନ୍ତ୍ର ନଜର ରଖାଯିବ ବୋଲି ପ୍ରଶାସନ ପକ୍ଷରୁ ଯୋଜନା ହୋଇଛି। ପ୍ରତି ମାସରେ ହେଉଥିବା ସଡ଼କ ସୁରକ୍ଷା କମିଟି ବୈଠକରେ ଏ ନେଇ ପ୍ରଥମେ ତଦାରଖ କରାଯିବ। ଯେଉଁମାନେ ଖିଲାପ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ହ୍ରାସ ଉପରେ ପ୍ରାଥମିକତା ଦିଆଯିବ



“ଅନୁଗୋଳ ଜିଲାରେ କରୋନା ସମୟରେ ଦୁର୍ଘଟଣା ବଢ଼ିବା ଉଦ୍‌ବେଗଜନକ। ତେବେ ଆଗାମୀ ଦିନରେ ଏହାକୁ କିଭଳି ଭାବେ ରୋକାଯିବ, ତାହାକୁ ପ୍ରାଥମିକତା ଦିଆଯିବ। ବ୍ଲାକ ସ୍ପଟ୍ ସହ ଅଧିକ ବିପଦସଙ୍କୁଳ ସ୍ଥାନକୁ ଗୁରୁତ୍ୱ ଦିଆଯିବ। ଜିଲାରେ ଦୁର୍ଘଟଣା ଓ ଜୀବନହାନି ହ୍ରାସ ପ୍ରଥମ ଲକ୍ଷ୍ୟ ରହିବ। ଏଥିପାଇଁ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରିବାକୁ ଭିନ୍ନ ଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ।

**-ବିଭବ ସାମନ୍ତସିଂହାର, ଆଞ୍ଚଳିକ ପରିବହନ ଅଧିକାରୀ, ଅନୁଗୋଳ**

### କଦର୍ଯ୍ୟ ରାସ୍ତା ଦାୟୀ



“ଅନୁଗୋଳ ଜିଲାରେ ରାଜପଥ ମରଣଯନ୍ତା ପାଲଟିଛି। କେଉଁଠି ନିର୍ମାଣ କାର୍ଯ୍ୟ ଚାଲିଛି ତ ଆଉ କେଉଁଠି ଦୀର୍ଘଦିନ ଧରି ମରାମତି କାର୍ଯ୍ୟ ହୋଇନାହିଁ। ତେଣୁ ଏପରି କଦର୍ଯ୍ୟ ରାସ୍ତା ପାଇଁ ବିଭିନ୍ନ ସମୟରେ ଲୋକଙ୍କ ଜୀବନ ଚାଲିଯାଉଛି। ମରାମତି ସହ ସମ୍ପ୍ରସାରଣ ଶୀଘ୍ର ଶେଷ କଲେ ଦୁର୍ଘଟଣା ସଂଖ୍ୟା କମିବ।

**-ରାଜୀବ ଜେନା, କୁଲାଡ଼ ଟ୍ରକ୍ ମାଲିକ ସଂଘ ସଭାପତି**

### ସଚେତନ ନ ରହିଲେ ବଢ଼ିବ



“କରୋନା ସମୟରେ ପ୍ରଶାସନ, ପୋଲିସ ଏତେ କଡ଼ା କଟକଣା କରିଥିଲେ ମଧ୍ୟ ଦୁର୍ଘଟଣା ସଂଖ୍ୟା ବଢ଼ିବା ନିଶ୍ଚିତ ଚିନ୍ତାର ବିଷୟ। କେଉଁଠି ନା କେଉଁଠି ସମସ୍ୟା ଥିବାରୁ ଏଭଳି ସ୍ଥିତି ଉପୁଜିଛି। ତେଣୁ ଏଥିପ୍ରତି ଏବେଠାରୁ ସଚେତନ ନ ହେଲେ ଆଗକୁ ସଂଖ୍ୟା ଅଧିକ ବଢ଼ିପାରେ। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରୁ।

**ପ୍ରମୋଦ ପ୍ରଧାନ, ଅନୁଗୋଳ ଟ୍ରକ୍ ମାଲିକ ସଂଘ ଉପସଭାପତି**

### ଠିକ୍ ସ୍ଥାନରେ ଲଗାଯାଉନି ସଙ୍କେତ



“ଜିଲାରେ ବିଭିନ୍ନ ସ୍ଥାନରେ ରାସ୍ତା କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଦୁର୍ଘଟଣା ସଂଖ୍ୟା ବଢ଼ିବାରେ ଲାଗିଛି। ନିୟମାନୁଯାୟୀ ରାଜପଥରେ ବିଭିନ୍ନ ସଂକେତ ଲଗାଯାଉ ନାହିଁ। ଏହା କରାଯିବା ସହ ଅବମାନନାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଏହାଦ୍ୱାରା ଦୁର୍ଘଟଣା ରୋକାଯାଇ ପାରିବ।

**-ସଂଗ୍ରାମ ଦାସ, ସଡ଼କ ସୁରକ୍ଷା କମିଟି ସଦସ୍ୟ**

## ଯୁବକଙ୍କୁ ମାଡ଼ମାରି କୂଅରେ ପକାଇ ଦେଲେ

**ହିନ୍ଦୋଳ,୨୫ା୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ବନମାଳିପୁର ଗ୍ରାମର ଆକାଶ ବେହେରାଙ୍କୁ ସେହି ଗ୍ରାମର କେତେଜଣ ଯୁବକ ସୋମବାର ମାଡ଼ମାରି କୂଅରେ ପକାଇ ଦେଇଥିବା ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ବନମାଳିପୁର ଗ୍ରାମର ଆକାଶ ବେହେରା(୨୩) ଅପରାହ୍ନରେ ନିକଟସ୍ଥ ଜମିକୁ ଯାଇଥିବାବେଳେ ସେଠାରେ ଥିବା ଗୁଣ୍ଡୁଚି ନାଏକ ଓ ନେଉଳି ନାଏକ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ମାଡ଼ପିଟ୍ କରିଥିଲେ। ଏହାପରେ ଭୟରେ ଆକାଶ ଘରକୁ ପଳାଇ ଆସିଥିଲେ। ମାତ୍ର ଗୁଣ୍ଡୁଚି ଏବଂ ନେଉଳି, ଦୀଲିପ ନାଏକ, ଅକ୍ଷି ନାଏକ ଆକାଶଙ୍କ ଘରକୁ ଯାଇ ତାଙ୍କୁ ମାଡ ମାରି ଏକ କୂଅରେ ପକାଇ ଦେଇ ପଳାଇ ଯାଇଥିଲେ। ପରିବାର ଲୋକେ ଆକାଶଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଆକାଶ ହିନ୍ଦୋଳ ଥାନାରେ ସେମାନଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୨୫ା୧**

ଅନୁଗୋଳ ଜିଲାରୁ ସୋମବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୨୨୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରପାଳିକାରୁ ଓ ବଔଁରପାଳରୁ ଜଣେ ଲେଖାଏଁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ଜିଲାରୁ ୧୪ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଭୂମିହୀନଙ୍କୁ ଚାଷଜମି ପ୍ରଦାନ ଦାବିରେ ଧାରଣା

**ଢେଙ୍କାନାଳ ଅଫିସ,୨୫ା୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଭୂମିହୀନଙ୍କୁ ଚାଷ ପାଇଁ ଜାଗା ପ୍ରଦାନ ଓ ଅନ୍ୟ ଦାବି ନେଇ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ଓ ଆରପିଆଇ ପକ୍ଷରୁ ଧାରଣା ପ୍ରଦାନ କରାଯାଇଥିଲା। ଏଥିସହିତ ଦିଲ୍ଲୀରେ ଆନ୍ଦୋଳନ କରୁଥିବା ଚାଷୀମାନଙ୍କୁ ସମର୍ଥନ ପ୍ରଦାନ କରାଯାଇଥିଲା। ୨୦୧୯ ଡିସେମ୍ବର ୧୯ରେ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ପାଇଁ ୨୪୦୦ରୁ ଊର୍ଦ୍ଧ୍ୱ ଫର୍ମ ପ୍ରଦାନ କରାଯାଇଥିବାରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବା ପାଇଁ ଦାବି କରାଯାଇଥିଲା। ଚାଷୀ ଆନ୍ଦୋଳନକୁ ସମର୍ଥନ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଭୂମିହୀନଙ୍କୁ ଚାଷଜମି ପାଇଁ ଏବଂ ଆଦିବାସୀ ଶଅରଙ୍କୁ ଶବର କରିବା ନିମନ୍ତେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ରାଜ୍ୟ ଅଧ୍ୟକ୍ଷ ଶେଖ ଅବଦୁଲ ୱାଲି, କୈଳାସ ମିଶ୍ର, ସୁଦର୍ଶନ ଦାସ, ପ୍ରଦ୍ୟୁମ୍ନ ନାୟକ, ମହମ୍ମଦ ଇମାମୁଦ୍ଦିନ, ପ୍ରହଲାଦ ଶବର, ଉଷାରାଣୀ ଦେହୁରୀ, ମାଧବ ଦେହୁରୀ, ସସ୍ମିତା ମହାନ୍ତି, ବେଣୁଧର ନାୟକ ଓ ଆରପିଆଇ ରାଜ୍ୟ ମହିଳା ଶାଖା ଅଧ୍ୟକ୍ଷା ଶର୍ମିଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।





ଭୂମିହୀନଙ୍କୁ ଚାଷଜମି ପ୍ରଦାନ ଦାବିରେ ଧାରଣା ଦିଆଯାଇଛି।

## ସୋଲାର କ୍ରିକେଟ୍ ଟିମ୍ ସେମିରେ

**ଢେଙ୍କାନାଳ ଅଫିସ, ୨୫ା୧**

ଢେଙ୍କାନାଳ ଜିଲା ବେଡାପଡାସ୍ଥିତ ମା' ଅନ୍ଧାରୀ କ୍ରିକେଟ କ୍ଲବ ପଡିଆରେ ଚାଲିଥିବା ସୁବାସ ମେମୋରିଆଲ କ୍ରିକେଟର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କଟକର ସୋଲାର କ୍ରିକେଟ କ୍ଲବ ୪ ଉଇକେଟରେ ଅନୁଗୋଳ କ୍ରିକେଟ କ୍ଲବକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଗୋଳ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୯୦ ରନ କରିଥିଲା। ଜବାବରେ ସୋଲାର କ୍ରିକେଟ କ୍ଲବ ୧୯୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଶାନ୍ତ ଦାସ ଓ ସନ୍ତୋଷ ସାମଲ ଖେଳ ପରିଚାଳନା କରିଥିଲେ। ଗ୍ରାମ ସଭାପତି ଦୁଷ୍ମନ୍ତ ଗଡ଼ନାୟକ, ବିକାଶ ସାମଲ ଓ ଅଜିତ କୁମାର ସାମଲ ଅତିଥି ଭାବେ ଯୋଗ ଦେଇଥିଲେ।

## ନୂଆ ରୂପ ପାଇବ ଅଙ୍ଗନୱାଡ଼ି କେନ୍ଦ୍ର





ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଔଁରପାଳ,୨୫ା୧(ଡି.ଏନ.ଏ.)**

ବଔଁରପାଳ ବ୍ଲକ ବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ସୋମବାର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଉପବାଚସ୍ପତି ରଜନୀକାନ୍ତ ସିଂ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ବ୍ଲକ ବିଜେଡି ସଭାପତି ବିଜୟ ନାଥ, ବିଜେଡି ନେତା ନିର୍ମଳ ସାହୁ, ସରପଞ୍ଚ ମନୋରମା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘଦିନରୁ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିଲା। ଶିଶୁମାନେ ବହୁ ଅସୁବିଧାର ସହ ପାଠ ପଢୁଥିଲେ। ନୂତନ କୋଠା ନିର୍ମାଣ ହେବା ଦ୍ୱାରା ବହୁ ଛାତ୍ରୀଛାତ୍ର ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉସାରାଣୀ ପ୍ରଧାନ, ପ୍ରକାଶ ସାହୁ, ଗୋପୀନାଥ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଶ୍ରମିକଙ୍କ ଆନ୍ଦୋଳନ

**କଣିହାଁ,୨୫ା୧(ଡି.ଏନ.ଏ.)**

ଏନ୍‌ଟିପିସି କଣିହାଁ ଉଦ୍ୟାନ ବିଭାଗରେ କାର୍ଯ୍ୟରତ କଣ୍ଟିଜେଣ୍ଟ ଠିକାଶ୍ରମିକମାନେ ସୋମବାର ଏନ୍‌ଟିପିସି ମୁଖ୍ୟ ଫାଟକ ବାଇପାସ ଛକଠାରେ ଅନ୍ଦୋଳନରେ ବସିଛନ୍ତି। ଦୀର୍ଘଦିନ ଧରି କାମ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ୨୨ ଦିନ କାମରେ ନିଯୁକ୍ତ କରାଯାଉଛି। ବାର୍ଷିକ ବୋନସ ପ୍ରଦାନ କରାଯାଉଥିଲେ ମଧ୍ୟ ଜାତୀୟ ଓ ପର୍ବପର୍ବାଣୀ ଛୁଟି ଦିନର ମଞ୍ଜୁରୀ, ଲିଭ୍ ମଜୁରୀ ପ୍ରଦାନ କରାଯାଉ ନାହିଁ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏ ନେଇ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ସଭାପତି ଜୟେସନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାହ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି।





ଏନ୍‌ଟିପିସି ମୁଖ୍ୟ ଫାଟକ ନିକଟରେ ଠିକା ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

# 'ନିର୍ବାଚନୀ ସାକ୍ଷରତା ଅପରିହାର୍ଯ୍ୟ'

**ଢେଙ୍କାନାଳ ଅଫିସ / କାମାକ୍ଷାନଗର / ହିନ୍ଦୋଳ,୨୫ା୧**





ରାଷ୍ଟ୍ରୀୟ ମତଦାତା ଦିବସ ପାଳନ ଅବସରରେ ଅଧିକାରୀମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସୋମବାର ୧୧ ତମ ରାଷ୍ଟ୍ରୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ସୁଦୃଢ଼ ଗଣତନ୍ତ୍ର ପାଇଁ ପ୍ରତ୍ୟେକ ନାଗରିକଙ୍କ ନିର୍ବାଚନୀ ସାକ୍ଷରତା ଅପରିହାର୍ଯ୍ୟ ବୋଲି କହିଥିଲେ। ଏଥିସହ ନୂତନ ଭୋଟରମାନଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ତାଲିକା ପ୍ରସ୍ତୁତିରେ ଉତ୍ତମ କାର୍ଯ୍ୟ କରିଥିବା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସମ୍ମାନିତ କରିଥିଲେ। ଯଥା ସମୟରେ ତାଲିକା ପ୍ରକାଶିତ ହୋଇଥିବାରୁ ସମସ୍ତ ଉପଜିଲାପାଳଙ୍କୁ ଜିଲାପାଳ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାସ୍ତରୀୟ ଅଧିକାରୀ ଏବଂ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ସେହିପରି ହିନ୍ଦୋଳରୋଡସ୍ଥିତ ଓପିଏସ୍ ମହାବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଦେବାନନ୍ଦ ଦାସ, କଲେଜ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ, ଅଧ୍ୟାପକ ଡ. ତପନ କୁମାର ପଣ୍ଡା ଓ ଗୁରୁଚରଣ ରାଉତରାୟ, ମଣିନ୍ଦ୍ର କୁମାର ନନ୍ଦ, ରେଡକ୍ରସ୍ ଅଧିକାରୀ ପ୍ରଣବ କୁମାର ହୋତା, ଏନ୍‌ସିସି ଅଧିକାରୀ ଅକ୍ଷୟ କୁମାର ସାହୁ, ଡ. ଦିନାନାଥ ଦାସ ଓ ଶିଶିର କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ବିଡିଓ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ସଞ୍ଜୟ କୁମାର ରାଉତ, ଏନ୍‌ଏସି ନିର୍ବାହୀ ଅଧିକାରୀ ବିରଜା ପ୍ରସାଦ ରଥ ଅତିଥି ଭାବେ ଯୋଗ ଦେଇଥିଲେ। କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। କାମାକ୍ଷାନଗର ଡିଗ୍ରୀ ମହିଳା କଲେଜର ଅଧ୍ୟକ୍ଷା ବନ୍ଦିତା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ହିନ୍ଦୋଳରେ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ କଲେଜର ଓଡ଼ିଆ ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ସିଡିପିଓ ସୁନନ୍ଦା ଦାସ, ଅଗ୍ନିଶମ ଅଧିକାରୀ ସଦାଶିବ ସେଠୀ, ବିଏଲଓ ପଙ୍କଜିନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଭୋଟରଙ୍କୁ ଉପଜିଲାପାଳ ଭୋଟର କାର୍ଡ ପ୍ରଦାନ କରିଥିଲେ ।

